# ପରିପୂରକ ଭୋଜନ କାର୍ଯ୍ୟକ୍ରମରେ ଘରକୁ ନେବା ଶୁଖିଲା ଖାଦ୍ୟର କାର୍ଯ୍ୟକାରୀତା

ମାର୍ଚ୍ଚ ୨୦୧୧

ମହିଳା ଓ ଶିଶୁ ବିକାଶ ବିଭାଗ
ଓଡିଶା ସରକାର

**ପୂର୍ବାଭାସ :-**

ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭବତୀ, ପ୍ରସୂତୀ ମହିଳା, ୬ ମାସରୁ ୩ ବର୍ଷର ଶିଶୁ ଏବଂ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ପରିପୂରକ ଖାଦ୍ୟ ନିମନ୍ତେ ଘରକୁ ଖାଦ୍ୟ ଯୋଗାଇ ଦିଆଯାଉଛି । ଭାରତ ସରକାର ଏଥିପାଇଁ ସାରା ରାଜ୍ୟରେ ପ୍ରତି ହିତାଧିକାରୀ ପିଛା ଆବଶ୍ୟକୀୟ ଶକ୍ତି ଓ ପୁଷ୍ଟି ସହ ମୂଲ୍ୟ ଧାର୍ଯ୍ୟ କରିଛନ୍ତି ।

ଏହି ଖାଦ୍ୟର ମୂଲ୍ୟ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ପାଇଁ ଟ.୫.୦୦, ଅତିଶୟ ପୁଷ୍ଟିହୀନ ଶିଶୁ ମାନଙ୍କ ପାଇଁ ଟ.୬.୦୦ ଏବଂ ସାଧାରଣ ଶିଶୁମାନଙ୍କ ପାଇଁ ଟ.୪.୦୦ ହିସାବରେ ସ୍ଥିର କରାଯାଇଅଛି ।

ପ୍ରକୃତ ହିତାଧିକାରୀଙ୍କ ନିକଟରେ ଖାଦ୍ୟ ପହଞ୍ଚାଇବା ଓ ପରିବାର ଖାଦ୍ୟ ପେଡିକୁ ସାମଗ୍ରୀ ନଯିବା ଉଦ୍ଦେଶ୍ୟରେ ଓଡିଶା ସରକାର ଘରକୁ ନେବା ଖାଦ୍ୟ ଛତୁଆ ଆକାରରେ ଦେବା ନିମନ୍ତେ ନିତିଗତ ନିଷ୍ପତ୍ତି ନେଇଛନ୍ତି

କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରି ଫଳପ୍ରଦ ସେବା ଯୋଗାଇଦେବା ହିଁ ନିର୍ଦ୍ଦେଶାବଳୀର ଲକ୍ଷ୍ୟ । ଏଣୁ ଆବଶ୍ୟକସ୍ଥଳେ ଜିଲ୍ଲାପାଳମାନେ ଏଥିରେ ପରିବର୍ତ୍ତନ ଆଣିପାରିବେ । ଯେ କୌଣସି ମତେ ଭୋଜନ କାର୍ଯ୍ୟକ୍ରମରେ କୌଣସି ବାଧା ନଆସିବା ନିମନ୍ତେ ନିର୍ଦ୍ଦେଶାବଳୀରେ ଏପରି କୋହଳ ନୀତି ଅବଲମ୍ବନ କରାଯାଇଛି ।

୧. କାର୍ଯ୍ୟକାରୀ ପ୍ରକ୍ରିୟା :-

କ. ବର୍ତ୍ତମାନ ଭାରତ ସରକାର ଚାଉଳ ସୁଲଭ ମୂଲ୍ୟରେ ଯୋଗାଣ କରୁଛନ୍ତି । ତେଣୁ ବର୍ତ୍ତମାନ ଚାଉଳରେ ତିଆରି ଛତୁଆ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯିବ । ଏଥି ସହିତ ଗହମ ଅଧିକ ପୁଷ୍ଟିଯୁକ୍ତ ହୋଇଥିବାରୁ ଚାଉଳ ବଦଳରେ ଗହମ ଯୋଗାଣ ନିମନ୍ତେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ତତ୍ପରେ ଗହମ ମିଶ୍ରିତ ଛତୁଆ ପ୍ରସ୍ତୁତ କରାଯିବ ।

ଖ. ଘରକୁ ନେବା ଛତୁଆ ନିମନ୍ତେ ଭାରତୀୟ ଖାଦ୍ୟ ନିଗମରୁ ସଂପୃକ୍ତ ସ୍ୱୟଂ ସହାୟକ ଦଳଙ୍କୁ ଚାଉଳ ଯୋଗାଇ ଦିଆଯିବ । ଆବଶ୍ୟକୀୟ ପରିମାଣ ଓ ଗୁଣମାନର ଖାଦ୍ୟଦ୍ରବ୍ୟ (ଚାଉଳ) ଗ୍ରହଣ କରିଥିବାର ରସିଦ ସ୍ୱୟଂ ସହାୟକ ଦଳଙ୍କଠାରୁ ଗ୍ରହଣ କରାଯିବ । ଜିଲ୍ଲାପାଳ ମାନେ ଏହାକୁ ପୁଙ୍ଖାନୁ ପୁଙ୍ଖ ସମୀକ୍ଷା କରିବେ ।

ଗ. ବର୍ତ୍ତମାନ ଯେଉଁ ଛତୁଆ ଦିଆଯିବ, ତାହା ପୁଷ୍ଟିସାର, କ୍ୟାଲୋରୀଯୁକ୍ତ, ଠିକ୍‌ପରିମାଣର ଅଛି କି ନାହିଁ ଜାଣିବା ନିମନ୍ତେ ତାର ପ୍ରସ୍ତୁତ, ବଣ୍ଟନ ଓ ବ୍ୟବହାର ସମୟରେ ଯେକୌଣସି ସମୀକ୍ଷା ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବ ।

ଘ. ସ୍ୱୟଂସହାୟକ ଦଳଙ୍କ ଜାଗାରେ ସ୍ୱୟଂ ସହାୟକ ମହାସଂଘକୁ ମଧ ଛତୁଆ ବା ଘରକୁ ନେବା ଖାଦ୍ୟ ବଣ୍ଟନ ଦାୟିତ୍ୱ ଦିଆଯାଇପାରେ । ଖାଦ୍ୟର ସମାନତା ଓ ଗୁଣବତ୍ତାକୁ ବଜାୟ ରଖିବା ପାଇଁ ସାରା ବ୍ଲକରେ ଗୋଟିଏ ସ୍ୱୟଂ ସହାୟକ ଦଳ ଖାଦ୍ୟ ଯୋଗାଣ କରିବା ଭଲ । ଏହା ଯଦି ସମ୍ଭବ ନହୁଏ, ଜିଲ୍ଲାପାଳ ଦୁଇ ବା ତିନୋଟି ସ୍ୱୟଂ ସହାୟକ

ଦଳକୁ ଛତୁଆ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦେଇପାରନ୍ତି । କିନ୍ତୁ ଏକାଧିକ ସ୍ୱୟଂସହାୟକ ଦଳଦ୍ୱାରା ବ୍ଲକ ଅଂଚଳକୁ ଭାଗ ଭାଗ ନକରିବା ଉଚିତ୍ ହେବ ।

ଙ. ସ୍ୱୟଂ ସହାୟକ ଦଳ ଚୟନ ସମୟରେ ଗ୍ରେଡିଂ ପଦ୍ଧତି ଅନୁସରଣ କରିବା ଉଚିତ୍ । ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତିର ଅନୁଭୂତି ଏବଂ ଶୁଖାଇବା, ଚୁନା କରିବା ଓ ପ୍ୟାକେଟ୍ କରିବା ଉପକରଣ ଥିବ, ସେହି ଦଳକୁ ପ୍ରଥମେ ଅଗ୍ରାଧିକାର ଦିଆଯିବ । ଦ୍ୱିତୀୟରେ ଯେଉଁ ସ୍ୱୟଂ ସହାୟକ ଦଳର ମସଲା ଯଥା :- ହଳଦୀ ଇତ୍ୟାଦି ଚୁନା କରିବାର ଉପକରଣ ଥିବ ଏବଂ ଅଭିଜ୍ଞତା ଥିବ, ସେହି ଦଳକୁ ଚୟନ କରାଯିବ । ଯଦି ଏପରି କୌଣସି ଦଳ ନ ମିଳନ୍ତି, ତେବେ ଖାଦ୍ୟ ତିଆରି ଅଭିଜ୍ଞତା ଥିବା, ଗ୍ରେଡିଂ ହୋଇଥିବା ସ୍ୱୟଂ ସହାୟକ ଦଳକୁ ଚୟନ କରାଯିବ ।

ଚ. ଭଲ ସ୍ୱୟଂ ସହାୟକ ଦଳ ଚିହ୍ନଟ କରିବା ପାଇଁ ଜିଲ୍ଲାପାଳ ମିଶନଶକ୍ତି, ତୃପ୍ତି, ଓରମାସ, **OTELP**, **WORLP**, ଇତ୍ୟାଦିର କର୍ମକର୍ତ୍ତାଙ୍କ ସାହାଯ୍ୟ ନେଇପାରନ୍ତି ଏବଂ ଯେଉଁଠାରେ ଦରକାର, ସ୍ୱୟଂ ସହାୟକ ଦଳ ପାଇଁ ଖାଦ୍ୟ ପ୍ରସ୍ତୁତି କାରଖାନା ବସାଇବେ ।

୨. ନିର୍ଦ୍ଧାରିତ ଖାଦ୍ୟ ଓ ତାର ପ୍ୟାକେଟ୍ କରିବାର ପ୍ରଣାଳୀ :-

୨.୧. ନିର୍ଦ୍ଧାରିତ ଖାଦ୍ୟ

ତଳେ ଦିଆଯାଇଥିବା ଟେବୁଲ୍ ୧ ଅନୁଯାୟୀ, ଘରକୁ ନେବା ଖାଦ୍ୟ ପ୍ରତି ମାସର ୧ ତାରିଖ ଓ ୧୫ ତାରିଖ ଦିନ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯିବ ।

ଟେବୁଲ୍ – ୧

| ପ୍ରକାର | ଶକ୍ତି | ପୁଷ୍ଟି | ମୂଲ୍ୟ ଟଙ୍କାରେ | ଦିନକୁ ଖର୍ଚ୍ଚ ହେଉଥିବା ପରିମାଣ (ଗ୍ରାମ) | ୧୫ ଦିନର ଖାଦ୍ୟ (ରଙ୍ଗଯୁକ୍ତ ପ୍ୟାକେଟ୍) |
|---|---|---|---|---|---|
| ୬ ମାସ ରୁ ୩ ବର୍ଷ | ୬୧୫ | ୧୩.୩୪ | ୪ | ୧୬୦ | ୨ କେ.ଜି |
| ଗର୍ଭବତୀ ଏବଂ ପ୍ରସୂତି ମା | ୭୭୦ | ୧୭.୭୯ | ୫ | ୨୦୦ | ୨.୫ କେ.ଜି |
| ଅତିଶୟ ପୁଷ୍ଟିହୀନ ଶିଶୁ | ୯୨୨ | ୨୦ | ୬ | ୨୪୦ | ୩ କେ.ଜି |
| ଅତିଶୟ ପୁଷ୍ଟିହୀନ ଶିଶୁ (୩-୬ ବର୍ଷ) | ୩୦୭ | ୬.୬୭ | ୨ | ୮୦ | ମାସକୁ ଥରେ ୨ କେ.ଜି |

ଘରକୁ ନେବା ଖାଦ୍ୟର ନିର୍ଦ୍ଦେଶାବଳୀ ଅନୁବନ୍ଧ ୧ ରେ ଦର୍ଶାଇ ଦିଆଯାଇଛି ।

୨.୨. ପ୍ୟାକେଟ୍ ପ୍ରସ୍ତୁତି :

୧. ଖାଦ୍ୟ ସାମଗ୍ରୀ ଗୁଡ଼ିକୁ ସମାନତା ଏବଂ ଠିକ୍ ପରିମାଣର ଥିବା ନିଶ୍ଚିତ କରାଇବେ ଏବଂ ବିଭିନ୍ନ ଶ୍ରେଣୀର ହିତାଧିକାରୀଙ୍କ ନିମନ୍ତେ ଭିନ୍ନ ଭିନ୍ନ ରଙ୍ଗର ଖାଦ୍ୟ ପ୍ୟାକେଟ୍ କରିବା ପାଇଁ ସ୍ୱୟଂ ସହାୟକ ଦଳ ଗୁଡ଼ିକୁ ନିର୍ଦ୍ଦେଶ ଦେବେ ।

୨. ପ୍ରତି ଶ୍ରେଣୀଭୁକ୍ତ ଖାଦ୍ୟପାଇଁ ପ୍ୟାକେଟ୍‌ର ନିର୍ଦ୍ଦିଷ୍ଟ ରଙ୍ଗ ତଳେ ଦିଆଯାଇଛି ।

କ. ଗର୍ଭବତୀ ଓ ପ୍ରସୂତୀ ମା ମାନଙ୍କର ଘରକୁ ନେବା ଖାଦ୍ୟ ପ୍ୟାକେଟ୍- ହଳଦିଆ ରଙ୍ଗ

ଖ. ୬ ମାସରୁ ୩ ବର୍ଷର ଶିଶୁମାନଙ୍କ ପାଇଁ ଘରକୁ ନେବା ଖାଦ୍ୟ ପ୍ୟାକେଟ୍ - ଆକାଶୀ ନୀଳ

ଗ. ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କ ପାଇଁ ଘରକୁ ନେବା ଖାଦ୍ୟ ପ୍ୟାକେଟ୍ - ନାଲି ରଙ୍ଗ

୩. ଅନୁବନ୍ଧ-୨ ରେ ପ୍ରତ୍ୟେକ ରଙ୍ଗର ପ୍ୟାକେଟ୍‌ରେ କି କି ତଥ୍ୟ ରହିବ, ତାହା ଦିଆଯାଇଛି ।

୪. ଯଦି ସ୍ୱୟଂସହାୟକ ଦଳର ପ୍ୟାକେଟ୍ ଉପରେ ଲେଖାଯିବା ପାଇଁ ସୁବିଧା ନଥିବ ତାହାହେଲେ ସେହି ପ୍ୟାକେଟ୍‌ଟି ଗୋଟିଏ ରଙ୍ଗଯୁକ୍ତ କାଗଜରେ ଆବୃତ କରାଯିବ ।

୩. ସ୍ୱୟଂ ସହାୟକ ଦଳ ଦ୍ୱାରା ଘରକୁ ନେବା ଖାଦ୍ୟ ସାମଗ୍ରୀର ସଂଗ୍ରହ / କ୍ରୟ ପ୍ରଣାଳୀ :-

୩.୧. ସ୍ୱୟଂସହାୟକ ଗୋଷ୍ଠୀ ଛତୁଆ ତିଆରି କରିବା ଏବଂ ଯୋଗାଣ କରିବା ନିମନ୍ତେ ନିମ୍ନଲିଖିତ ଦାୟିତ୍ୱ ନେବେ ।

୧. ଚାଉଳ ବ୍ୟତିତ ଛତୁଆ ପାଇଁ ସମସ୍ତ ଆବଶ୍ୟକ ଖାଦ୍ୟ ସାମଗ୍ରୀ ନିର୍ଦ୍ଧାରିତ ମତେ ସଂଗ୍ରହ କରିବେ ।

୨. ଜିଲ୍ଲା ଅଧିକାରୀ ଚାଉଳ ଯୋଗାଣ କରିବେ । ସ୍ୱୟଂ ସହାୟକ ଦଳ ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଗୁଡ଼ିକୁ ସଫାକରି, ପରିଷ୍କାର ଭାବରେ ବନ୍ଦ ଡବାରେ ସାଇତି ରଖିବେ । କୌଣସି ପ୍ରକାରରେ ଚାଉଳ ଓ କୌଣସି ଖାଦ୍ୟ ସାମଗ୍ରୀ ଅଧିକ ଦିନ ପର୍ଯ୍ୟନ୍ତ ଖୋଲାଭାବରେ ରହିବ ନାହିଁ ।

୩. ସ୍ୱୟଂ ସହାୟକ ଦଳ ନିଶ୍ଚିତ କରିବେ ଯେ ସଦ୍ୟ ପ୍ରସ୍ତୁତି ଛତୁଆ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଣ ହେଉଛି । ୧୦ ଦିନ ଉର୍ଦ୍ଧ୍ୱରୁ ପ୍ରସ୍ତୁତି ହୋଇଥିବା ଛତୁଆ କୌଣସି ମତେ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଯିବ ନାହିଁ ।

୪. ନିୟମ ଓ ଧାର୍ଯ୍ୟ ଅନୁପାତ ଅନୁଯାୟୀ ସେମାନେ ଛତୁଆ ପ୍ରସ୍ତୁତ କରିବେ ।

୫. ସେମାନେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଆବଶ୍ୟକ ପରିମାଣର ଛତୁଆ ପ୍ୟାକେଟ୍ ଠିକ୍ ସମୟରେ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚାଇବେ ।

୩.୨. ସଂଗ୍ରହ / କ୍ରୟ ଯୋଜନା :-

ପ୍ରତ୍ୟେକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ମାସିକ କ୍ରୟ ଯୋଜନା ପ୍ରସ୍ତୁତ କରାଯିବ ଏବଂ ତାହା ପୂର୍ବରୁ ଚୟନ କରାଯାଇଥିବା ସ୍ୱୟଂ ସହାୟକ ଦଳ ଗୁଡିକୁ ଆଗୁଆ ପ୍ରଦାନ କରିବେ । ଏହି କ୍ରୟ ଯୋଜନା ଅଙ୍ଗନୱାଡ଼ି କର୍ମୀଙ୍କ ଲିଖିତ ଆଦେଶ (ଆବଶ୍ୟକ ପରିମାଣ) ଉପରେ ପର୍ଯ୍ୟବେସିତ ହେବ । ଏହି ଫର୍ମ ଅନୁବନ୍ଧ ୩ ରେ ଦର୍ଶାଇଦିଆଯାଇଛି ।

୩.୩. ମୂଲ୍ୟ ଧାର୍ଯ୍ୟ

ହିତାଧିକାରୀଙ୍କ ସଂଖ୍ୟା ଅନୁଯାୟୀ ସ୍ୱୟଂ ସହାୟକ ଦଳଙ୍କୁ ଅର୍ଥ ପ୍ରଦାନ କରାଯିବ । ସେମାନଙ୍କୁ ପ୍ରସ୍ତୁତ କରିବା ଏବଂ ପରିବହନ ବାବଦରେ ନିମ୍ନ ପ୍ରକାରେ ଅର୍ଥ ପ୍ରଦାନ କରାଯିବ ।

| ବିଭିନ୍ନ ବିଭାଗ | ପ୍ରତି ହିତାଧିକାରୀ ପିଛା ପ୍ରତିଦିନର ପ୍ରାପ୍ୟ |
|---|---|
| ପରିବହନ ମୂଲ୍ୟ | ୦.୦୫ |
| ତଦାରଖ ମୂଲ୍ୟ | ୦.୧୦ |
| ପ୍ରସ୍ତୁତି ମୂଲ୍ୟ | ୦.୨୧ |

୩.୪. ଅର୍ଥ ପ୍ରଦାନକାରୀ ସର୍ତ୍ତ ଏବଂ ପଦ୍ଧତି

ସ୍ୱୟଂସହାୟକ ଦଳଠାରୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଘରକୁ ନେବା ଖାଦ୍ୟ ଯୋଗାଣର ଯଥେଷ୍ଟ ପ୍ରମାଣ ପାଇସାରିବା ପରେ ସି.ଡି.ପି.ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅର୍ଥ ପ୍ରଦାନ କରିବେ ।

୪. ଘରକୁ ନେବା ଖାଦ୍ୟ ନିମନ୍ତେ ବିକେନ୍ଦ୍ରୀକରଣ ପ୍ରକ୍ରିୟାର ଅର୍ଥନୈତିକ ନିର୍ଦ୍ଦେଶାବଳୀ :-

୧. ନିର୍ଦ୍ଦିଷ୍ଟ ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ୱୟଂସହାୟକ ଗୋଷ୍ଠୀ ତାର ଆବଶ୍ୟକତା ଅନୁଯାୟୀ ଚାଲାଣ ସହିତ ଛତୁଆ ଯୋଗାଣ କରିବେ ।

୨. ଅନୁବନ୍ଧ ୫ ରେ ଦିଆଯାଇଥିବା ଫର୍ମାଟ୍‌ରେ ଅଙ୍ଗନୱାଡ଼ି କର୍ମୀ ଛତୁଆର ଜମା ଓ ବଣ୍ଟନ ରେଜିଷ୍ଟର ପୂରଣ କରିବେ ଏବଂ ତାହାର ଏକ ବିବରଣୀ ସି.ଡି.ପି.ଓ ଙ୍କୁ ପ୍ରତି ମାସ ଦାଖଲ କରିବେ ।

୩. ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରେ ଛତୁଆ ପ୍ୟାକେଟ୍ ଗ୍ରହଣ କରିବା ସମୟରେ, ଅଙ୍ଗନୱାଡ଼ି କର୍ମୀ ଏବଂ ମାତୃ କମିଟିର ଦୁଇଜଣ ସଭ୍ୟା ଖାଦ୍ୟର ସଂଖ୍ୟା ଓ ପରିମାଣ ଯାଞ୍ଚ କରିବେ । ଏବଂ ପ୍ରମାଣ ସ୍ୱରୂପ ଦସ୍ତଖତ କରିବେ ।

୪. ଏହି ଚାଲାଣ ରିପୋର୍ଟ ଅଙ୍ଗନୱାଡ଼ି କର୍ମୀଙ୍କ ଠାରୁ ଦସ୍ତଖତ କରି ବିଲ୍ ସହିତ ପ୍ରାପ୍ୟ ପାଇଁ ସି.ଡି.ପି.ଓ ଙ୍କ ପାଖରେ ଦାଖଲ କରିବେ ।

୫. ପରିଦର୍ଶିକା, ଜମା ଓ ବଣ୍ଟନ ରେଜିଷ୍ଟରକୁ ତଦାରଖ କରିବାପାଇଁ ଦାୟୀ ରହିବେ । ସେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ଜମା ଓ ବଣ୍ଟନର ରିପୋର୍ଟରେ ଦସ୍ତଖତ କରି ସି.ଡି.ପି.ଓଙ୍କ ପାଖରେ ଦାଖଲ କରିବେ ।

୬. ସି.ଡି.ପି.ଓ ଚାଲାଣ ଏବଂ ବିଲ୍ ପାଇବାବାର ୭ ଦିନ ଭିତରେ ସ୍ୱୟଂ ସହାୟକ ଦଳର ବ୍ୟାଙ୍କ ଖାତାରେ ଇ-ପେମେଣ୍ଟ୍ ଦ୍ୱାରା ଅର୍ଥ ପ୍ରଦାନ କରିବେ । ଉପ ଜିଲ୍ଲାପାଳ ସ୍ୱୟଂସହାୟକ ଦଳର ୭ ଦିନର ଅର୍ଥ ପ୍ରଦାନକୁ ନିଶ୍ଚିତ କରାଇବେ ଏବଂ ସମୀକ୍ଷା କରିବେ ।

୫. ଗୁଣାବଳୀର ସୂଚକ

କ. ଛତୁଆ ତିଆରି କରିବା ପୂର୍ବରୁ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ଉଚିତ୍ ଯଥା –ପରିଷ୍କାର ଭାବରେ ହାତ ଧୋଇବା, ପରିଷ୍କାର ଭାବରେ ନଖ କାଟିବା, କେଶ ଭଲରେ ବାନ୍ଧିବା, ଆପ୍ରୋନ୍ ଇତ୍ୟାଦି ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିବା ।

ଖ. କୌଣସି ସମୟରେ ପ୍ରସ୍ତୁତ ଛତୁଆ / ପ୍ରସ୍ତୁତି ଖାଦ୍ୟ ଖୋଲା ପଡି ରହିବନାହିଁ । ପ୍ରସ୍ତୁତି ସାଙ୍ଗେ ସାଙ୍ଗେ ଠିକ୍ ଭାବରେ ତିଆରି ତାରିଖ ଲେଖାଯାଇ ପ୍ୟାକେଟ୍ କରାଯାଇ ପ୍ୟାକେଟ୍ ଉପରେ ପ୍ରସ୍ତୁତ ତାରିଖ ଲେଖି ର୍ୟାକ୍‌ରେ ରଖାଯିବ ।

ଗ. ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ତିଆରି ସମୟରେ ପ୍ୟାକେଟ୍ କରିବା ନିର୍ଦ୍ଦେଶକୁ ଠିକ୍ ଭାବରେ ଅନୁସରଣ କରିବେ । ପ୍ୟାକେଟ୍‌ରେ ବା ଖୋଲାରେ ଛତୁଆ ଯେପରି ଖୋଲା ବଜାରରେ ବିକ୍ରି କରାନଯାଏ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ନିର୍ଦ୍ଧାରିତ ପରିମାଣର ଛତୁଆ ପ୍ରସ୍ତୁତ କରି ପହଞ୍ଚାଯାଏ ତାହା ବ୍ଲକ ସ୍ତରରେ ଜିଲ୍ଲାପାଳଙ୍କ ଦ୍ୱାରା ତଦାରଖ କରାଯିବ ।

ଘ. ଜିଲ୍ଲାପାଳ ୫ ରୁ ୬ ଜଣଙ୍କୁ ନେଇ (ନାମ ସହିତ) ଏକ ସ୍କ୍ୱାର୍ଡ ଗଠନ କରିବେ, ଯିଏ ମଝିରେ ମଝିରେ ଛତୁଆ ତିଆରି ସମୟରେ ଏବଂ ଠିକ୍ ନିର୍ଦ୍ଧାରିତ ପରିମାଣ ଓ ଗୁଣର ଛତୁଆ ତିଆରି ହେଉଛି କି ନାହିଁ ତଦାରଖ କରିବେ । ସ୍କ୍ୱାର୍ଡର ସଭ୍ୟମାନେ ସେମାନଙ୍କର ତଦାରଖର ରିପୋର୍ଟ ପ୍ରତିମାସରେ ଜିଲ୍ଲାପାଳଙ୍କୁ ଦେବେ । ଜିଲ୍ଲାପାଳ ପ୍ରତିମାସର ସମୀକ୍ଷା ସଭାରେ ତାହା ଆଲୋଚନା କରିବେ । ବି.ଡ଼ି.ଓ ଏବଂ ସି.ଡି.ପି.ଓ ଅତିକମ୍‌ରେ ମାସକୁ ୨/୩ ଥର ଖାଦ୍ୟ ପ୍ରସ୍ତୁତି ସମୟରେ ପରିଦର୍ଶନ କରିବେ ।

ଙ. ଛତୁଆ ପ୍ରସ୍ତୁତିର ନିର୍ଦ୍ଦେଶାବଳୀ ଅନୁବନ୍ଧ ୧ ରେ ଦିଆଯାଇଛି ! ସ୍ୱୟଂ ସହାୟକ ଦଳ ତାହା କଡାକଡି ଭାବରେ ଅନୁସରଣ କରିବେ ଏବଂ ସ୍କ୍ୱାର୍ଡ ଦଳ, ବି.ଡି.ଓ ଏବଂ ସି.ଡି.ପି.ଓ ତାଙ୍କର ପରିଦର୍ଶନ ସମୟରେ ତାହା ସମୀକ୍ଷା କରିବେ ।

୬. ଚୁକ୍ତି ବ୍ୟବସ୍ଥା :-

କ. ସି.ଡି.ପି.ଓ ଓ ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି ଓ ଯୋଗାଣର ସର୍ତ୍ତ ଇତ୍ୟାଦି ଏକ ଚୁକ୍ତି ପତ୍ରରେ ସ୍ୱାକ୍ଷରିତ ହେବ । ଏହି ଚୁକ୍ତିପତ୍ର ୧ ବର୍ଷ ପାଇଁ କାଏମ ରହିବା ଉଚିତ୍ ।

ଖ. ଏକ ବର୍ଷ ପୂରଣ ହେବା ପୂର୍ବରୁ ଜିଲ୍ଲାପାଳ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକରିବାର ଢଙ୍ଗକୁ ପୁନଃ ସମୀକ୍ଷା କରି ଚୁକ୍ତି ପତ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନେଇପାରିବେ ।

ଗ. ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ସରକାରଙ୍କ ନିୟମ ଉଲ୍ଲଙ୍ଘନ କରି ଛତୁଆ ପ୍ରସ୍ତୁତ କରୁଥିବେ, ଯେଉଁଥିରେ କି ଶକ୍ତି ଓ ପୁଷ୍ଟିର ପରିମାଣ କମ୍ ଥିବ ବା ସରକାରଙ୍କ ଅର୍ଥକୁ ତୋଷରପାତ କରି ପ୍ରସ୍ତୁତ ଛତୁଆକୁ ବଜାରରେ ବିକ୍ରି କରୁଥିବେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ପ୍ରକାର ସ୍ୱୟଂସହାୟକ ଦଳର ଚୁକ୍ତିପତ୍ର ରଦ୍ଦ କରାଯିବା ସହିତ କ୍ଷୁଦ୍ର ମିଆଦି ଋଣ ସହାୟତା ମଧ୍ୟ ବନ୍ଦ

କରିଦିଆଯିବ । ତାହା ସହିତ ସ୍ୱୟଂସହାୟକ ଦଳ ଉପରେ ଜୋରିମନା ମଧ କରାଯିବ । କୌଣସି ପଦକ୍ଷେପ ନେବା ପୂର୍ବରୁ ପ୍ରକୃତ ନ୍ୟାୟ ପଦ୍ଧତିକୁ ଅବଲମ୍ବନ କରାଯିବ ।

ଘ. ମାସିକ ଉତ୍ପାଦନର ସମୁଦାୟ ମୂଲ୍ୟର ଶତକଡା ୧ ଭାଗ ନିରାପତ୍ତା ଜମା ଆକାରରେ ସି.ଡି.ପି.ଓଙ୍କ ପାଖରେ ସମ୍ପୃକ୍ତ ଦଳ ଦାଖଲ କରିବେ । ଆବଶ୍ୟକ ହେଲେ ଏହି ନିରାପତ୍ତା ଜମା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଚୁକ୍ତି ପତ୍ର ସମୟସୀମା ଶେଷ ନହେବା ପର୍ଯ୍ୟନ୍ତ ଅଟକ ରଖାଯିବ ।

**୭. ବଣ୍ଟନ ବ୍ୟବସ୍ଥା :-**

କ. ପ୍ରତି ହିତାଧିକାରୀମାନଙ୍କର ଖାଦ୍ୟର ମୂଲ୍ୟରୁ ମୁଣ୍ଡପିଛା ପରିବହନ ଏବଂ ତଦାରଖ ମୂଲ୍ୟ ସ୍ୱୟଂ ସହାୟକ ଦଳକୁ ଦିଆଯିବ । ସ୍ୱୟଂ ସହାୟକ ଦଳକୁ ଦିଆଯାଉଥିବା ପରିବହନ ଏବଂ ତଦାରଖ ଖର୍ଚ୍ଚକୁ ବାଦ ଦେଲାପରେ ଅବଶିଷ୍ଟ ବଳକା ଅର୍ଥକୁ କେବଳ ଖାଦ୍ୟ ସାମଗ୍ରୀରେ ବିନିଯୋଗ କରିବା ପାଇଁ ଉତ୍ସାହିତ କରିବେ ।

ଖ. ପ୍ରତିମାସର ୨୮ ରୁ ୩୦ ତାରିଖ ଭିତରେ ଏବଂ ୧୨ ରୁ ୧୪ ତାରିଖ ମଧରେ ସ୍ୱୟଂ ସହାୟକ ଦଳ ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ଯୋଗାଣ କରିବା ପାଇଁ ପରିବହନ ଠିକାଦାରକୁ ନିୟୋଜିତ କରିବେ ।

ଗ. ଅନୁବନ୍ଧ ୪ ରେ ଅଙ୍ଗନୱାଡ଼ି କେନ୍ଦ୍ରର ଖାଦ୍ୟ ଯୋଗାଣ ରସିଦର ଫର୍ମାଟ୍ ଦର୍ଶାଇ ଦିଆଯାଇଛି ।

ଘ. ଅଙ୍ଗନୱାଡ଼ି କେନ୍ଦ୍ରରେ ଛତୁଆ ପ୍ୟାକେଟ୍‌କୁ ଉଚ୍ଚ ଜାଗାରେ ଗଚ୍ଛିତ କରି ରଖିବେ । କୌଣସି ପରିସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ରରେ ୩ ଦିନରୁ ଅଧିକ ସମୟ ଖାଦ୍ୟ ରହିବ ନାହିଁ । ଏହି ଖାଦ୍ୟ ଯୋଗାଣ ସମୟରେ ଗ୍ରାମର ମାତୃ କମିଟି ଓ ଅନ୍ୟ ସଂପୃକ୍ତ କମିଟି ଉପସ୍ଥିତ ରହିବେ ।

ଙ. ଏହି ଦୁଇ କମିଟିର ସଭାପତିମାନେ ରସିଦରେ ଅଙ୍ଗନୱାଡ଼ି କର୍ମୀ ସହିତ ସ୍ୱାକ୍ଷର କରିବେ ଏବଂ ଠିକ୍ ପରିମାଣର ଓ ଗୁଣର ଖାଦ୍ୟ ଗ୍ରହଣ କଲେ ବୋଲି ପ୍ରମାଣ କରିବେ। ଏହି ରସିଦ ପରିଦର୍ଶିକା ସେକ୍ଟର ସଭାରେ ସଂଗ୍ରହ କରିବେ ଏବଂ ସି.ଡି.ପି.ଓଙ୍କୁ ଦେବେ । ଏଥିରେ ବ୍ୟତିକ୍ରମ ଦେଖାଗଲେ ସଙ୍ଗେ ସଙ୍ଗେ ସେକ୍ଟର ସ୍ତରରେ ପ୍ରତିକାର ବ୍ୟବସ୍ଥା ନିଆଯିବ ।

ଚ. ସରପଞ୍ଚ / ପଞ୍ଚାୟତ ସମିତି ଚେୟାରମ୍ୟାନ୍ / ମେୟର ମାସିକ ବୈଠକରେ ଏହା ସମୀକ୍ଷା କରିବା ସହ ଛତୁଆ ବଂଟନ ନିଶ୍ଚିତ କରିବେ । ଖାଦ୍ୟ ବଣ୍ଟନର ବ୍ୟବସ୍ଥାକୁ ସମୀକ୍ଷା କରିବେ ଏବଂ ବଣ୍ଟନ ବ୍ୟବସ୍ଥା ସୁରୁଖୁରୁରେ ସମ୍ପନ୍ନ ହେବା ପାଇଁ ନିଶ୍ଚିତ କରିବେ । ପ୍ରକୃତ ହିତାଧିକାରୀ ଯେପରି ଆବଶ୍ୟକ ପରିମାଣର ଖାଦ୍ୟ ପାଇପାରିବେ ସେଥିପ୍ରତି ମଧ ବିହିତ ପଦକ୍ଷେପ ନେବେ । ଯଦି କୌଣସି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ତରଫରୁ ଏଥିରେ ତ୍ରୁଟି ହୁଏ, ତେବେ ସରପଞ୍ଚ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଯୋଗାଯୋଗ କରି ଯୋଗାଣ ନିଶ୍ଚିତ କରିବେ । ତଥାପି ଯଦି ସମ୍ଭବ ନହୁଏ, ତାହା

ସଂପୃକ୍ତ ସୁପରଭାଇଜର ବା ସି.ଡି.ପି.ଓଙ୍କ ଦୃଷ୍ଟିକୁ ତତ୍‌କ୍ଷଣାତ୍ ଆଣିବେ । ସେମାନେ ଯୋଗାଣ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବେ ।

ଛ. ବିଭିନ୍ନ ଶ୍ରେଣୀର ହିତାଧିକାରୀଙ୍କ ସଂଖ୍ୟାକୁ ଭିତ୍ତିକରି ମାସିକ ଆବଶ୍ୟକ ପରିମାଣର ଛତୁଆ ଯୋଗାଣ ପାଇଁ ପ୍ରତ୍ୟେକ ଅଙ୍ଗନୱାଡ଼ି କର୍ମୀ ସୁପରଭାଇଜରଙ୍କୁ ଜଣାଇବେ । ସୁପରଭାଇଜର ସେସବୁକୁ ଏକାଠି କରି ସମୁଦାୟ ପରିମାଣର ଛତୁଆ ପ୍ରସ୍ତୁତ ନିମନ୍ତେ ଆସନ୍ତା ମାସ ପାଇଁ ପୂର୍ବ ମାସର ୨୮ତାରିଖ ସୁଦ୍ଧା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଜଣାଇବେ । ଯୋଗାଣ ଛତୁଆ, କେନ୍ଦ୍ରରେ ଗ୍ରହଣ କରିବା ସମୟରେ ଉପଯୁକ୍ତ ରଂଗର ପ୍ୟାକେଟ୍‌ରେ ଛତୁଆ ବନ୍ଧାଯାଇଛି କି ନାହିଁ ଏବଂ ଆବଶ୍ୟକ ସଂଖ୍ୟାରେ ପ୍ୟାକେଟ୍ ଦେଇଛନ୍ତି କି ନାହିଁ ଦେଖି ରଖିବାକୁ ହେବ ।

ଜ. ପ୍ରତ୍ୟେକ ମାସର ୧ ତାରିଖ ଏବଂ ୧୫ ତାରିଖରେ ହିତାଧିକାରୀମାନଙ୍କୁ ଛତୁଆ ବଣ୍ଟନ ହେବା ଆବଶ୍ୟକ । ଗ୍ରାମ୍ୟ ଯାଞ୍ଚ୍ କମିଟି ଏବଂ ମାତୃ କମିଟିର ସଦସ୍ୟମାନେ ବଣ୍ଟନ ସମୟରେ ଉପସ୍ଥିତ ରହି ପ୍ରକୃତ ହିତାଧିକାରୀଙ୍କୁ ଉପଯୁକ୍ତ ପରିମାଣର ଛତୁଆ ବଣ୍ଟନ ହେବାର ନିଶ୍ଚିତ କରିବେ । ପ୍ରମାଣ ସ୍ୱରୂପ ଗ୍ରାମ୍ୟ ଯାଞ୍ଚ୍ କମିଟି ଓ ମାତୃ କମିଟିର ସଭାପତି ଅଙ୍ଗନୱାଡ଼ି କେନ୍ଦ୍ରର ଷ୍ଟକ ଖାତାରେ ଏ ସମ୍ପର୍କରେ ଲେଖି ସ୍ୱାକ୍ଷର କରିବେ । ପରିଦର୍ଶନରେ ଆସୁଥିବା ଅଧିକାରୀମାନେ ମଧ କେତୋଟି ହିତାଧିକାରୀଙ୍କ ଘରକୁ ଯାଇ ଏ ବାବଦରେ ଯାଞ୍ଚ୍ କରି ଦେଖିବେ ଯେ, ସେମାନେ ନିର୍ଦ୍ଧାରିତ ପରିମାଣର ଖାଦ୍ୟ ଗ୍ରହଣ କରୁଛନ୍ତି ଏବଂ ନିୟମ ଅନୁଯାୟୀ ବ୍ୟବହାର କରୁଛନ୍ତି ।

ଝ. ସ୍ୱୟଂ ସହାୟକ ଦଳକୁ ଅର୍ଥ ପ୍ରଦାନ ବ୍ୟବସ୍ଥା :- ସ୍ୱୟଂ ସହାୟକ ଦଳ ଖାଦ୍ୟ ଯୋଗାଣର ପରିମାଣର ପ୍ରାପ୍ୟ ରସିଦ / ଚାଲାଣ ଅଙ୍ଗନୱାଡ଼ି କର୍ମୀ ଓ ମାତୃକମିଟିର ସଭାପତିଙ୍କ ଦ୍ୱାରା ସ୍ୱାକ୍ଷର କରାଇ ସି.ଡି.ପି.ଓଙ୍କ ପାଖରେ ଦାଖଲ କରିବେ ।

ପରିଦର୍ଶିକା ଖାଦ୍ୟ ଜମାଖାତା ଏବଂ ବଣ୍ଟନ ଖାତାର ତଦାରଖ ପାଇଁ ଦାୟୀ ରହିବେ । ସେ ଅଙ୍ଗନୱାଡ଼ି କର୍ମୀ ଦ୍ୱାରା ତିଆରି ହୋଇଥିବା ବଣ୍ଟନ ରିପୋର୍ଟରେ ଦସ୍ତଖତ କରି ସି.ଡି.ପି.ଓଙ୍କୁ ଦେବେ । ସ୍ୱୟଂସହାୟକ ଦଳର ବ୍ୟାଙ୍କ୍ ଖାତାକୁ ଇ-ଟ୍ରାନ୍ସଫର୍ ମାଧମରେ ପ୍ରତି ମାସର ୭ ତାରିଖ ସୁଦ୍ଧା ଅର୍ଥ ପ୍ରଦାନ କରାଯିବ, ଯେପରିକି ଛତୁଆ ଯୋଗାଣରେ କୌଣସି ବିଳମ୍ବ ହେବ ନାହିଁ । ଏହା ପରବର୍ତ୍ତୀ ମାସର ରସିଦ୍ ଚାଲାଣ ଏବଂ ବିଲ୍‌ରେ **adjust** କରାଯିବ । ଉପ ଜିଲ୍ଲାପାଳ ଠିକ୍ ସମୟରେ ଏବଂ ନିୟମିତ ଅର୍ଥ ପ୍ରଦାନକୁ ନିଶ୍ଚିତ କରାଇ ସମୀକ୍ଷା କରିବେ ।

୯. ସମୀକ୍ଷା ଏବଂ ତଦାରଖ :- ଗରମ ରନ୍ଧା ଖାଦ୍ୟ ନିର୍ଦ୍ଦେଶାବଳୀର ବିଭାଗ ୪,୫,୬,୭ ରେ ସମୀକ୍ଷା ଓ ତଦାରଖର ନିର୍ଦ୍ଦେଶାବଳୀ ଦିଆଯାଇଛି । ଏହା ସହିତ ଘରକୁ ନେବା ଖାଦ୍ୟ ବା ଛତୁଆ ପାଇଁ ମଧ ନିର୍ଦ୍ଦେଶାବଳୀ ଦିଆଯାଇଛି ।

୧. ଯାଞ୍ଚ୍ କମିଟି ଏବଂ ମାତୃ କମିଟି ୧୫ ଦିନକୁ ଥରେ ଅତି କମ୍‌ରେ ୨ଟି ଘରକୁ ଯାଇ ଛତୁଆ ହିତାଧିକାରୀମାନେ ପ୍ରକୃତରେ ଖାଉଛନ୍ତି କି ନାହିଁ ତାହା ଦେଖିବା ସହିତ ପରିଷ୍କାର ପରିଚ୍ଛନ୍ନତା ରହିବା ପାଇଁ ନିଶ୍ଚିତ କରାଇବେ । (ଅନୁବନ୍ଧ - ୬)

୨. ଜିଲ୍ଲା, ଉପଖଣ୍ଡ ଏବଂ ବ୍ଲକ ସ୍ତରର ସ୍କ୍ୱାର୍ଡ, ଗ୍ରାମ ପଞ୍ଚାୟତ ଏବଂ ବ୍ଲକର ଦାୟିତ୍ୱରେ ଥିବା ଅଧିକାରୀମାନେ ଛତୁଆ ତିଆରି ସ୍ଥାନ, ଛତୁଆ ପ୍ରସ୍ତୁତି ଓ ବଣ୍ଟନ ଆଦି ଠିକ୍ ଭାବେ କରିବାପାଇଁ ସ୍ୱୟଂ ସହାୟକ ଦଳର ସୁବିଧା ସୁଯୋଗ ଆଦି ପରିଦର୍ଶନ କରିବା ସହିତ ହିତାଧିକାରୀମାନଙ୍କ ସହ ଯୋଗାଯୋଗ କରିବେ । (ଅନୁବନ୍ଧ - ୭)

୩. ଯଦି ଘରକୁ ନେବା ଖାଦ୍ୟ, ନିର୍ଦ୍ଧାରିତ ନିୟମ ଅନୁଯାୟୀ ପ୍ରସ୍ତୁତ ନ ହେବାର ଦେଖାଯାଏ କିମ୍ବା ପ୍ରଦୂଷିତ ହୋଇଥାଏ, ତାହା ହେଲେ ସଂପୂର୍ଣ୍ଣ ଖାଦ୍ୟକୁ ଅଟକ ରଖାଯାଇ ପ୍ରତ୍ୟାଖାନ କରାଯିବ । ସମ୍ପୃକ୍ତ ସ୍ୱୟଂ ସହାୟକ ଦଳକୁ କଳା ତାଲିକା ଭୁକ୍ତ କରାଯିବ ଏବଂ ସଙ୍ଗେ ସଙ୍ଗେ ଅନ୍ୟ ଏକ ସ୍ୱୟଂ ସହାୟକ ଦଳକୁ ଖାଦ୍ୟ ପ୍ରସ୍ତୁତି ପାଇଁ ନିୟୋଜିତ କରିବେ, ଯାହାଦ୍ୱାରା କି ଖାଦ୍ୟ ଯୋଗାଣ ବନ୍ଦ ହେବ ନାହିଁ । ସ୍ୱୟଂ ସହାୟକ ଦଳର ତାଲିମ ପାଇଁ, ମହିଳା ବିକାଶ ସମବାୟ ନିଗମ, ORMAS, TRIPTI ଏବଂ ଅନ୍ୟାନ୍ୟ ସଂସ୍ଥାର ସାହାଯ୍ୟ ନିଆଯିବ । ପ୍ରତି ତାଲିମରେ ଖାଦ୍ୟ ପ୍ରସ୍ତୁତି, ନିର୍ଦ୍ଦେଶାବଳୀ କୁ ଅନୁସରଣ କରାଯିବ ।

୧୦. ହିତାଧିକାରୀମାନଙ୍କ ଦ୍ୱାରା ଖାଦ୍ୟର ଉପଯୋଗ :- ଖାଦ୍ୟ ବଣ୍ଟନ ସମୟରେ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ପ୍ରତ୍ୟେକ ହିତାଧିକାରୀମାନଙ୍କୁ ଲିଖିତ ଓ ମୌଖିକ ଭାବରେ ଦିଆଯିବ । ବିଭିନ୍ନ ପ୍ରକାର ହିତାଧିକାରୀଙ୍କ ପାଇଁ ଛତୁଆର ଉପଯୋଗ ନିମ୍ନମତେ ହେବ ।

୧. ଏହି ଖାଦ୍ୟରେ ପରିଷ୍କାର ସଫା ପାଣି / ଦୁଧ ମିଶାଯାଇ ଏକ ଅର୍ଦ୍ଧ କଠିନ ଚକଟା ତିଆରି ହେବ, ଯାହାକି ପିଲା ସହଜରେ ଖାଇପାରିବେ । ଖାଦ୍ୟ ତିଆରି ପୂର୍ବରୁ ପରିଷ୍କାର ଭାବରେ ହାତ ଧୋଇ ଅଲଗା ବାସନରେ ବହଳିଆ ଚକଟା ପ୍ରସ୍ତୁତ କରିବା ପାଇଁ ବିଶେଷ ଭାବରେ ଯତ୍ନବାନ ହେବେ ।

୨. ଏହାକୁ ଅଙ୍ଗନୱାଡ଼ି କର୍ମୀ, ମାତୃ କମିଟି ଏବଂ ସଂପୃକ୍ତ ଯାଞ୍ଚ୍ କମିଟି ମଝିରେ ମଝିରେ ଘରକୁ ଯାଇ ନିଶ୍ଚିତ କରାଇବେ ।

୩. ୬ ମାସରୁ ୩ ବର୍ଷ ବୟସର ଶିଶୁ ଦିନକୁ ଖର୍ଚ୍ଚ ହେଉଥିବା ୧୬୦ ଗ୍ରାମ୍‌ର ପୂରା ଖାଦ୍ୟ ୨/୩ ଥରରେ ଖାଇବେ ।

୪. ଗର୍ଭବତୀ ଓ ପ୍ରସୂତି ମହିଳା ୨୦୦ ଗ୍ରାମ୍‌ର ଛତୁଆ ଦିନକୁ ୨/୩ ଥରରେ ଖାଇବେ ।

୫. ଅତିଶୟ ପୁଷ୍ଟିହୀନ ଶିଶୁ ୨୪୦ ଗ୍ରାମ୍‌ର ଛତୁଆ ଦିନକୁ ୩/୪ ଥରରେ ଖାଇବେ ।

୬. ପିଲାମାନଙ୍କୁ ଦିଆଯାଉଥିବା ଦିନକର ସଂପୂର୍ଣ୍ଣ ଖାଦ୍ୟକୁ ନିୟମିତ ବ୍ୟବଧାନରେ ଖୁଆଇବା ପାଇଁ ମା' ମାନଙ୍କୁ ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବେ ।

## ଛତୁଆ ପ୍ରସ୍ତୁତ ନିମନ୍ତେ ନିର୍ଦ୍ଦେଶାବଳୀ

ଅନୁବନ୍ଧ - ୧

ଘରକୁ ନେବା ଶୁଖିଲା ଖାଦ୍ୟ (ଟି.ଏଚ୍.ଆର) ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କ ପାଇଁ

| ଖାଦ୍ୟ ସାମଗ୍ରୀ | ପୁଷ୍ଟି (ଗ୍ରାମ୍‌ରେ) | ଶକ୍ତି (କି.କ୍ୟାଲୋରୀ) | ପୁଷ୍ଟି |
|---|---|---|---|
| ଚାଉଳ | ୧୦୦ | ୩୪୫ | ୬.୮୦ |
| ଗୋଟାବୁଟ ଭଜା | ୨୦ | ୭୨ | ୩.୪୨ |
| ଚିନା ବାଦାମ | ୧୫ | ୯୮ | ୩.୧୨ |
| ଚିନି | ୨୫ | ୧୦୦ | ୦.୦୦ |
| ସମୁଦାୟ | ୧୬୦ | ୬୧୫ | ୧୩.୩୪ |

ଟି.ଏଚ୍.ଆର ଗର୍ଭବତୀ ଏବଂ ପ୍ରସୂତୀ ମା ମାନଙ୍କ ପାଇଁ

| ଖାଦ୍ୟ ସାମଗ୍ରୀ | ପୁଷ୍ଟି (ଗ୍ରାମ୍‌ରେ) | ଶକ୍ତି (କି.କ୍ୟାଲୋରୀ) | ପୁଷ୍ଟି |
|---|---|---|---|
| ଚାଉଳ | ୧୨୫ | ୪୩୧ | ୮.୫୦ |
| ଗୋଟାବୁଟ ଭଜା | ୩୦ | ୧୦୮ | ୫.୧୩ |
| ଚିନା ବାଦାମ | ୨୦ | ୧୩୧ | ୪.୧୬ |
| ଚିନି | ୨୫ | ୧୦୦ | ୦.୦୦ |
| ସମୁଦାୟ | ୨୦୦ | ୭୭୦ | ୧୭.୭୯ |

**ଛତୁଆ :-**

**ପ୍ରସ୍ତୁତ ପ୍ରଣାଳୀ**

୧. ଆବଶ୍ୟକ ସାମଗ୍ରୀ ସଠିକ ପରିମାଣରେ ସଂଗ୍ରହ କରନ୍ତୁ (ବର୍ଣ୍ଣନା କରାଯାଇଥିବା ଖାଦ୍ୟ ଅନୁଯାୟୀ ମପା ହୋଇଥିବା ଦରକାର)

୨. ଭଲ ଭାବରେ ଏହାକୁ ପରିଷ୍କାର କରନ୍ତୁ କାରଣ ଏଥିରେ କୌଣସି ଖାଦ୍ୟ ଅନୁପଯୋଗୀ ପଦାର୍ଥ ମିଶିଥାଇ ପାରେ (ଯଥା – ମାଟି, ଗୋଡି ଇତ୍ୟାଦି)

୩. ଗୋଟା ବୁଟଡାଲି କୁ ୮ ରୁ ୧୦ ମିନିଟ୍ କମ୍ ଜାଳରେ ଭାଜନ୍ତୁ ।

୪. ଗ୍ରାଇଣ୍ଡରରେ ଏହାକୁ ଗୁଣ୍ଡ କରନ୍ତୁ ଓ ରଖନ୍ତୁ ।

୫. ଚିନା ବାଦାମ ମଞ୍ଜିକୁ ସାମାନ୍ୟ ଗୋଲାପି ରଙ୍ଗ ହେବା ପର୍ଯ୍ୟନ୍ତ କମ୍ ଜାଳରେ ଭାଜନ୍ତୁ ।

୬. ଏହାକୁ ଗ୍ରାଇଣ୍ଡର ସାହାଯ୍ୟରେ ଗୁଣ୍ଡ କରି ରଖନ୍ତୁ ।

୭. ବର୍ତ୍ତମାନ ଚାଉଳକୁ ଭଲ ଭାବରେ ପରିଷ୍କାର କରି କମ୍ ଜାଳରେ ୫ ରୁ ୮ ମିନିଟ୍ ଆବଶ୍ୟକ ଅନୁସାରେ ଭାଜନ୍ତୁ ।

୮. ଏହାକୁ ଗୁଣ୍ଡ କରନ୍ତୁ ।

୯. ଚିନିକୁ ପରିଷ୍କାର କରି ଗୁଣ୍ଡ କରନ୍ତୁ ।

୧୦. ବର୍ତ୍ତମାନ ସମସ୍ତ ଗୁଣ୍ଡ ହୋଇଥିବା ସାମଗ୍ରୀ ଗୁଡ଼ିକୁ ମିଶାଇ ଦିଅନ୍ତୁ ।

୧୧. ଏହାକୁ ମାପ କରନ୍ତୁ ଏବଂ ପରିଷ୍କାର ପ୍ୟାକେଟ୍‌ରେ ଭର୍ତ୍ତି କରି ହିତାଧିକାରୀଙ୍କୁ ବାଣ୍ଟନ୍ତୁ )

ସାମଗ୍ରୀ ଗୁଡ଼ିକୁ ଚାଲୁଣିରେ ଚଲାଇବା ବା ପାଣିରେ ଭିଜାଇ ଛାଣିବା ଓ ପରିଷ୍କାର କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହାଦ୍ୱାରା ଖାଦ୍ୟ ଅନୁପଯୋଗୀ ପଦାର୍ଥ ଗୁଡ଼ିକୁ ଅଲଗା କରାଯାଇ ପାରିଥାଏ ।

ସମସ୍ତ ସାମଗ୍ରୀ ଗୁଡ଼ିକୁ ଏକାଠି ମିଶାନ୍ତୁ ନାହିଁ । କାରଣ ପ୍ରତ୍ୟେକ ସାମଗ୍ରୀର ଭାଜିବା ସମୟ ଅଲଗା ହୋଇଥାଏ । ଏହାର ପରିମାଣ ଅନୁସାରେ ଅଧିକ ଭାଜିବା କିମ୍ବା କମ ଭାଜିବା ପ୍ରତି ଦୃଷ୍ଟି ଦିଅନ୍ତୁ । କାରଣ ଏହା ସମସ୍ତ ଖାଦ୍ୟ କୁ ନଷ୍ଟ କରିଦିଏ ଓ ତାର ସ୍ୱାଦ ନଷ୍ଟ କରିଦିଏ ।

ଧିମା ଆଞ୍ଚରେ ଖାଦ୍ୟ ସାମଗ୍ରୀକୁ ଭାଜନ୍ତୁ, ଏହା ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ଏହାଦ୍ୱାରା ଖାଦ୍ୟ ପୋଡ଼ିଯାଏ ନାହିଁ । ଉଚ୍ଚ ମାତ୍ରାରେ ଆଞ୍ଚଦେଲେ ଖାଦ୍ୟ ସାମଗ୍ରୀ ପୋଡିଯାଏ ଓ ତାର ସ୍ୱାଦର ପରିବର୍ତ୍ତନ ହୋଇଯାଏ । ମନେ ରଖନ୍ତୁ ଯେପରି ୬ ମାସ ଶିଶୁ ଏହି ଛତୁଆ କୁ ସହଜରେ ଢ଼ୋକି ପାରିବ ଓ ସହଜରେ ହଜମ କରିପାରିବ । (ଯେତେବେଳେ ଏହାକୁ ଗରମ କ୍ଷୀର କିମ୍ବା ପାଣିରେ ମିଶାଯିବ) ସେଥିପାଇଁ ଏହାକୁ ଠିକ୍ ଭାବରେ ଭାଜିବା ଓ ଗୁଣ୍ଡ ପ୍ରସ୍ତୁତ କରିବା ଆବଶ୍ୟକ ।

**ଅନୁବନ୍ଧ - ୨**

**ବିଭିନ୍ନ ପ୍ୟାକେଟ୍‌ର ପ୍ରସ୍ତୁତ ପ୍ରଣାଳୀ**

| **ହଳଦିଆ/ଆକାଶୀନୀଳ/ଲାଲ ରଂଗର ଛତୁଆ ପ୍ୟାକେଟ୍**<br>**ବିକ୍ରୟ ପାଇଁ ଉଦ୍ଦିଷ୍ଟ ନୁହେଁ**<br>**(ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ)**<br>**ସମୁଦାୟ ପରିମାଣ** | |
|---|---|
| ସାମଗ୍ରୀ<br>ଚାଉଳ----------ଗ୍ରାମ<br>ଗୋଟା ବୁଟ --------ଗ୍ରାମ<br>ଚିନା ବାଦାମ --------ଗ୍ରାମ<br>ଚିନି ---------ଗ୍ରାମ | ପ୍ରସ୍ତୁତ ତାରିଖ :<br>ସ୍ୱୟଂ ସହାୟକ ଦଳଙ୍କ ନାମ:<br>ଫୋନ୍ ନଂ :<br>ଗ୍ରାମର ନାମ:<br>ବ୍ଲକର ନାମ :<br>ଜିଲ୍ଲାର ନାମ: |

**କିପରି ବ୍ୟବହାର କରିବେ –**

- ପରିଷ୍କାର ପାଣି ବା କ୍ଷୀର ଶୁଖିଲା ଛତୁଆ ଗୁଣ୍ଡ ସହ ମିଶାଇ ବହଳିଆ କରି ମଣ୍ଡ ପ୍ରସ୍ତୁତ କରନ୍ତୁ।
- ଚିନି ମିଶାଇବା ଆବଶ୍ୟକ ନାହିଁ।
- ପାଣି / କ୍ଷୀର ମିଶାଇବା ପରେ ବେଶି ସମୟ ରଖନ୍ତୁ ନାହିଁ ।
- ପ୍ୟାକେଟ୍ କରାଯିବାର ୧ମାସ ଭିତରେ ଛତୁଆ ବ୍ୟବହାର କରନ୍ତୁ ।
- ବନ୍ଦ ଡବାରେ ଏହାକୁ ସଂରକ୍ଷଣ କରନ୍ତୁ।
- ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା କ୍ଷୀର ଦିଅନ୍ତୁ, ତାପରେ ଅନ୍ୟାନ୍ୟ ଖାଦ୍ୟ ସହ ମା କ୍ଷୀର ଖୁଆଇବା ଜାରି ରଖନ୍ତୁ ।

**ହିତାଧିକାରୀଙ୍କ ଶ୍ରେଣୀ ବିଭାଗ ଅନୁଯାୟୀ ୩ଟି ଭିନ୍ନ ଭିନ୍ନ ପ୍ୟାକେଟ୍‌ର ରଙ୍ଗ ଓ ଛତୁଆ ପରିମାଣ ଭିନ୍ନ ହେବ ।**

**ଅନୁବନ୍ଧ - ୩**

ପ୍ରସ୍ତୁତି କରାଯିବା ମାସ -------------------------- ବ୍ଲକର ନାମ :-

| କ୍ର.ନଂ | ଅ.କେନ୍ଦ୍ରର ନାମ | ଆବଶ୍ୟକ ହେଉଥିବା ଛତୁଆ ପରିମାଣ | | | | କିଲୋ ଦର | ସମୁଦାୟ ଟଙ୍କା |
|---|---|---|---|---|---|---|---|
| | | ଗର୍ଭବତୀ ଓ ପ୍ରସୂତୀ | ୬ ମାସରୁ ୩ ବର୍ଷ ଶିଶୁ | ଅତିଶୟ ପୁଷ୍ଟିହୀନ ଶିଶୁ | ସମୁଦାୟ ପରିମାଣ | | |
| ୧ | | | | | | | |
| ୨ | | | | | | | |
| ୩ | | | | | | | |
| ୪ | | | | | | | |
| ୫ | | | | | | | |

**ଅନୁବନ୍ଧ - ୪**

## ଅଙ୍ଗନୱାଡ଼ି କେନ୍ଦ୍ରରେ ଛତୁଆ ଯୋଗାଣ / ଗ୍ରହଣ ସମ୍ପର୍କୀୟ ରସିଦ

ଅଙ୍ଗନୱାଡ଼ି କେନ୍ଦ୍ରର ନାମ : ମାସ

ଅଙ୍ଗନୱାଡ଼ି କର୍ମୀଙ୍କ ନାମ : ଏସ୍.ଏଚ୍.ଜି ଙ୍କ ନାମ

| ଗ୍ରହଣ ତାରିଖ | ମାସରେ ଗ୍ରହଣ କରିଥିବା ଛତୁଆ ପ୍ୟାକେଟ୍ ସଂଖ୍ୟା | | | | ଉାସରେ ବଂଟନ କରାଯାଇଥିବା ଛତୁଆ ପ୍ୟାକେଟ୍ ସଂଖ୍ୟା | | | | |
|---|---|---|---|---|---|---|---|---|---|
| | ଗର୍ଭବତୀ ଏବଂ ପ୍ରସୂତୀ ମା | ୬ ମାସରୁ ୩୬ ମାସର ସାଧାରଣ ବର୍ଗ ଶିଶୁ | ୬-୭୨ ମାସ ପର୍ଯ୍ୟନ୍ତ ପୁଷ୍ଟିହୀନ ଶିଶୁ (୬ ମାସ – ୩୬ ମାସ, ୩୭ ମାସ – ୭୨ ମାସ) | ସମୁଦାୟ | ବଂଟନ ତାରିଖ | ଗର୍ଭବତୀ ଏବଂ ପ୍ରସୂତୀ ମା | ୬ ମାସରୁ ୩୬ ମାସର ସାଧାରଣ ବର୍ଗ ଶିଶୁ | ୬-୭୨ ମାସ ପର୍ଯ୍ୟନ୍ତ ପୁଷ୍ଟିହୀନ ଶିଶୁ (୬ ମାସ – ୩୬ ମାସ, ୩୭ ମାସ – ୭୨ ମାସ) | ସମୁଦାୟ |
| | | | | | | | | | |

ଯାଞ୍ଚ୍ କମିଟି ସଭାପତିଙ୍କ ସ୍ୱାକ୍ଷର

ମାତୃ କମିଟି ସଦସ୍ୟଙ୍କ ସ୍ୱାକ୍ଷର

ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର

**ଅନୁବନ୍ଧ - ୫**

## ଷ୍ଟକ୍ ଖାତାର ଫର୍ମାଟ୍

| ତାରିଖ | ପୂର୍ବ ବଳକା | ଗ୍ରହଣ ପରିମାଣ | ବଂଟନ / ଯୋଗାଣ ପରିମାଣ | ବଳକା ପରିମାଣ | ଛତୁଆ ବଂଟନ କରାଯାଇଥିବା ହିତାଧିକାରୀଙ୍କ ସଂଖ୍ୟା |
|---|---|---|---|---|---|
| | | | | | |

ପ୍ରସ୍ତୁତ କର୍ତ୍ତା ----------- କାହାଦ୍ୱାରା ଯାଞ୍ଚ କରାଗଲା--- ତାରିଖ

ବି.ଦ୍ର – ଭିନ୍ନ ଭିନ୍ନ ଛତୁଆ ପାଇଁ ଭିନ୍ନ ଭିନ୍ନ ପୃଷ୍ଠା ବ୍ୟବହାର ହେବ ।

ଅନୁବନ୍ଧ - ୬

# ଯାଞ୍ଚ୍ କମିଟି ଏବଂ ମାତୃ କମିଟିଙ୍କ ତଦାରଖ

ପ୍ରକଳ୍ପର ନାମ   ପରିଦର୍ଶନ ତାରିଖ   ପରିଦର୍ଶନ ଅବଧି

ଅଙ୍ଗନୱାଡ଼ି କେନ୍ଦ୍ରର ନାମ   କର୍ମୀଙ୍କ ନାମ :

| ବିବରଣୀ | ନିରୀକ୍ଷଣ / ସ୍ଥିତି |
|---|---|
| ତାଲିକା ଭୂକ୍ତ ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣ ଅନ୍ତର୍ଭୁକ୍ତ ଥିଲେ<br>(ପ୍ରାକ୍ ବିଦ୍ୟାଳୟ ଶିଶୁ / ଜରୁରୀକାଳୀନ ହିତାଧିକାରୀ) | |
| ତାଲିକା ଭୂକ୍ତ ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣ ଉପସ୍ଥିତ<br>(ପ୍ରାକ୍ ବିଦ୍ୟାଳୟ ଶିଶୁ / ଜରୁରୀକାଳୀନ ହିତାଧିକାରୀ) | |
| ମେନୁ ଚାର୍ଟ ପ୍ରଦର୍ଶନ ଏବଂ ମେନୁ ପ୍ରସ୍ତୁତି ରେ କୌଣସି ତ୍ରୁଟି ପରିଲିଖିତ | |
| ରନ୍ଧନରେ ଖାଦ୍ୟରେ ନିମ୍ନ ସାମଗ୍ରୀର ବ୍ୟବହାର<br>ଆୟୋଡିନ୍ ଯୁକ୍ତ ଲୁଣ<br>ଇ.ଆଇ.ଏସ୍ /ଆଗ୍‌ମାର୍କ ଡାଲି, ତେଲ ଏବଂ ସୋୟାବଡି<br>ତଟକା ପନିପରିବା | |
| ଖାଦ୍ୟର ମାନ ଯାଞ୍ଚ କରିବାକୁ ଅଳ୍ପ ପରିମାଣର ଖାଦ୍ୟ ଚାଖି ସ୍ୱାଦିଷ୍ଟ ହୋଇଛି କି ନାହିଁ ଜାଣିବା | |
| ପ୍ରସ୍ତୁତ ଖାଦ୍ୟରେ ଆବଶ୍ୟ ପରିମାଣର ଶକ୍ତି ଓ ପୁଷ୍ଟିସାର ଅଛି କି ? | |
| ରନ୍ଧନ, ବଣ୍ଟନ ଏବଂ ଭୋଜନ ଇତ୍ୟାଦିରେ ପରିଚ୍ଛନ୍ନତା ରକ୍ଷା କରାଯାଇଛି କି ?<br>(ରୋଷେଇ ସ୍ଥାନ, ରନ୍ଧା ଏବଂ ଖାଇବା ବାସନ ଏବଂ ପିଇବା ପାଣିର ସୁବିଧା) | |
| ଷ୍ଟୋର୍ / ଗୋଦାମ ଘର – ଷ୍ଟକ୍ ବିବରଣୀ ଅନୁଯାୟୀ ଷ୍ଟକ ପରିମାଣ ଠିକ୍ ଅଛି କି ? | |
| ଷ୍ଟୋର ର ନିରାପତ୍ତା ଏବଂ ପରିଷ୍କାର ପରିଚ୍ଛନ୍ନତା, (ଷ୍ଟୋର କରିବା ସରଞ୍ଜାମ, କୀଟ-ପତଙ୍ଗ, ମୂଷା, ବର୍ଷାପାଣି ଆଦ୍ରତା ଇତ୍ୟାଦି)ରୁ ରକ୍ଷା ହୋଇପାରୁଛି କି ? | |
| ଖାଦ୍ୟର ରାନ୍ଧିବା ଓ ବାଣ୍ଟିବା ନିମନ୍ତେ ମାପ / ଓଜନ ଯନ୍ତ୍ର ଅଛି କି ? | |
| ଖାଇବା ପୂର୍ବରୁ ଏବଂ ପରେ ହାତ ଧୋଇବା ଦେଖିବେ ? | |
| ଶିଶୁ ମାନେ ଖାଉଥିବା ବାସନ ନିଜର ବା ଯୋଗାଣ ହୋଇଛି ? | |
| ଶିଶୁ ମାନଙ୍କର ନିୟମିତ ବୃଦ୍ଧି ନିୟନ୍ତ୍ରଣ ହେଉଛି କି ? (ଓଜନ ପରେ ପରାମର୍ଶ ହେଉଛି କି ?) | |
| ପରାମର୍ଶ ଏବଂ ପରବର୍ତ୍ତୀ ପଦକ୍ଷେପ | |
| ନକଲି ହିତାଧିକାରୀ ଅଛନ୍ତି କି | |

| | |
|---|---|
| ଗୃହ ପରିଦର୍ଶନକରି ଜାଣିବେ ( ୨ କିମ୍ବା ୩ ଟି ପରିବାର ପରିଦର୍ଶନ କରିବେ ) | |
| ୨ କିମ୍ବା ୩ଟି ହିତାଧିକାରୀଙ୍କ ସହ କଥୋପ କଥନ ମାଧମରେ ତଥ୍ୟ ସଂଗ୍ରହ କରିବେ | |

**ପରିଦର୍ଶକଙ୍କ ନାମ** **ବିବରଣୀ ଦାଖଲ ତାରିଖ**

**ଅନୁବନ୍ଧ - ୭**

**ଜିଲ୍ଲା, ଉପଖଣ୍ଡ ବା ଗୋଷ୍ଠୀ ସ୍ତରୀୟ ସଦସ୍ୟମାନଙ୍କ ତଦାରଖ ନିମନ୍ତେ**

ପ୍ରକଳ୍ପର ନାମ ପରିଦର୍ଶନ ତାରିଖ ପରିଦର୍ଶନ ଅବଧି

ଅଙ୍ଗନୱାଡ଼ି କେନ୍ଦ୍ରର ନାମ ଅଙ୍ଗନୱାଡ଼ି କର୍ମୀଙ୍କ ନାମ :

| ବିବରଣୀ | ନିରୀକ୍ଷଣ / ସ୍ଥିତି |
|---|---|
| ଟି.ଏଚ୍.ଆର | |
| ସର୍ଭେ ଅନୁଯାୟୀ<br>ଗର୍ଭବତୀ –<br>ପ୍ରସୂତୀ –<br>୬ ମାସରୁ ୩୫ ମାସର ଶିଶୁ<br>୩୬ ମାସରୁ ୭୧ ମାସର ଶିଶୁ<br>ପ୍ରାକ୍-ବିଦ୍ୟାଳୟ ଅନ୍ତର୍ଭୁକ୍ତ ଶିଶୁ<br>ପୁଷ୍ଟିହୀନ ଶିଶୁ | |
| ପରିପୂରକ ଭୋଜନରେ ଅନ୍ତର୍ଭୁକ୍ତ<br>ଗର୍ଭବତୀ –<br>ପ୍ରସୂତୀ –<br>୬ ମାସରୁ ୩୫ ମାସର ଶିଶୁ<br>୩୬ ମାସରୁ ୭୧ ମାସର ଶିଶୁ<br>ପ୍ରାକ୍-ବିଦ୍ୟାଳୟ ଅନ୍ତର୍ଭୁକ୍ତ ଶିଶୁ<br>ପୁଷ୍ଟିହୀନ ଶିଶୁ | |
| ଟି.ଏଚ୍.ଆର ପ୍ରସ୍ତୁତ କରିଥିବା ଏସ୍.ଏଚ୍.ଜି ନିମ୍ନମତେ ରଂଗୀନ ଛତୁଆ ପ୍ୟାକେଟ୍ ହିତାଧିକାରୀମାନଙ୍କୁ ବଂଟନ କରାଯିବ ।<br>ଗର୍ଭବତୀ / ପ୍ରସୂତୀ ମହିଳା – ହଳଦିଆ ପ୍ୟାକେଟ୍ – ୨ ୧/୨ କି.ଗ୍ରା ୨ଟି (୫ କି.ଗ୍ରା) | |

| | |
|---|---|
| ୬ ମାସରୁ ୩୬ ମାସ ଶିଶୁ (ସାଧାରଣ, ସାମାନ୍ୟ ଓ ମଧ୍ୟମ ଅପପୁଷ୍ଟ) – ୨ ଟି ୨ କି.ଗ୍ରା ଆକାଶୀ ନୀଳ ପ୍ୟାକେଟ୍ ( ୪ କି.ଗ୍ରା)<br>୬ ମାସ – ୩୬ ମାସ ଅପପୁଷ୍ଟି ଶିଶୁ – ୩ଟି ୨କିଗ୍ରା ଲାଲ ପ୍ୟାକେଟ୍ ( ୬ କି.ଗ୍ରା)<br>୩୬ ମାସରୁ – ୭୨ ମାସ ଅପପୁଷ୍ଟ ଶିଶୁ – ୧ ଟି ୨ କିଗ୍ରା ଲାଲ ପ୍ୟାକେଟ୍ ( ୨ କିଗ୍ରା) | |
| ଟି.ଏଚ୍.ଆର (ଛତୁଆ) ପ୍ୟାକେଟ୍ ଉପରେ ନିମ୍ନ ବିଷୟ ଗୁଡିକ ଉଲ୍ଲେଖ ରହିବ<br>ଏସ୍.ଏଚ୍. ଜି ଙ୍କ ନାମ<br>ଛତୁଆ ପ୍ରସ୍ତୁତ ତାରିଖ<br>ବ୍ୟବହୃତ ସାମଗ୍ରୀର ପରିମାଣ<br>ଏହା ବିକ୍ରୟ ପାଇଁ ଉଦ୍ଦିଷ୍ଟ ନୁହେଁ | |
| ଛତୁଆର ଗୁଣମାନ ଜାଣିବା ପାଇଁ ଛତୁଆକୁ ଚାଖି ସ୍ୱାଦ ପରୀକ୍ଷା କରିବେ । | |
| ଭାଉଚର ଗୁଡିକୁ ଯାଞ୍ଚ୍ କରି ପ୍ରତି ସ୍ୱାକ୍ଷର କରିବେ | |
| ଦୁଇଥର ଅନ୍ତର୍ଭୁକ୍ତ / ଅପ୍ରକୃତ ହିତାଧିକାରୀ ଅନ୍ତର୍ଭୁକ୍ତ କି ? | |
| କେତୋଟି ଗୃହ ପରିଦର୍ଶନ କଲେ ତାର ବିବରଣୀ ଦିଅନ୍ତୁ । | |
| ଅ.କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ଖର୍ଚ୍ଚ ବିବରଣୀ ୱାର୍ଡ ମେମ୍ବରଙ୍କ ଦ୍ୱାରା ସ୍ୱାକ୍ଷର କରିବା ପରେ ସୁପରଭାଇଜରଙ୍କ ଯାଞ୍ଚ କରିବା ଓ ସି.ଡି.ପି.ଓଙ୍କୁ ଦାଖଲ କରିବା । | |
| ଏସ୍.ଏଚ୍.ଜି ଯୋଗାଇବା ଛତୁଆ ପାଇବାର ପ୍ରମାଣ ସ୍ୱରୂପ ଚାଲାଣ ଉପରେ ଅ.କର୍ମୀଙ୍କ ସ୍ୱାକ୍ଷର | |

ପରିଦର୍ଶକ ଅଧିକାରୀଙ୍କ ନାମ                    ବିବରଣୀ ଦାଖଲ ତାରିଖ

ପରିଦର୍ଶକ ଅଧିକାରୀଙ୍କ ସିଲ୍ ସହ ସ୍ୱାକ୍ଷର

**ପ୍ରତ୍ୟେକ ଜିଲ୍ଲାରେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ, ସୂଚନା ଓ ଅଭିଯୋଗ ନିମନ୍ତେ ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି । ଏଥିନିମନ୍ତେ ମଧ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ଥିବା ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୬୭୩୩ ସହିତ (ଦିବା ୧୦.୦୦ ଘ. ରୁ ୫.୦୦ ଘ.ପର୍ଯ୍ୟନ୍ତ) ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ଯୋଗାଯୋଗ କରି ପାରିବେ ।**